OSS - 101
ଓ.ଏସ୍.ଏସ୍ - ୧୦୧

# ସ୍ନାତକ ପ୍ରସ୍ତୁତି କାର୍ଯ୍ୟକ୍ରମ
(ବିପିପି)

## ଆସାଇନ୍‌ମେ (ପ୍ରଦତକାର୍ଯ୍ୟ)
(୨୦୧୮ ଶିକ୍ଷାବର୍ଷ ପାଇଁ)

ସାମାଜିକ ବିଜ୍ଞାନ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ
(କୋର୍ସକୋଡ : ଓ.ଏସ୍.ଏସ୍. - ୧୦୧)

ସାମାଜିକ ବିଜ୍ଞାନ ବିଦ୍ୟାପୀଠ
ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ
ମଇଦାନ ଗଡ଼ି, ନୂଆଦିଲ୍ଲୀ - ୧୧୦୦୬୮

# ଆସାଇନ୍‌ମେ (ପ୍ରଦ କାର୍ଯ୍ୟ)

**Programme Code : BPP**
**Course Code : OSS / 101**
**Assignment code : OSS - 101 /ASST/TMA/2018**

ପୂର୍ଣ୍ଣସଂଖ୍ୟା - ୧୦୦

ପ୍ରିୟ ଶିକ୍ଷାର୍ଥୀ,

ଆପଣଙ୍କୁ ସାମାଜିକ ବିଜ୍ଞାନ ପାଇଁ ପ୍ରସ୍ତୁତି ପାଠ୍ୟକ୍ରମରେ ଓ.ଏସ୍.ଏସ୍. - ୧୦୧ ପାଇଁ ଗୋଟିଏ ମାତ୍ର ପ୍ରଦତ୍ତ କାର୍ଯ୍ୟ ଉତ୍ତର ଦାଖଲ କରିବା ପାଇଁ ପଡିବ । ଆସାଇନ୍‌ମେଂଟର ପୂର୍ଣ୍ଣସଂଖ୍ୟା ୧୦୦ମାର୍କ ଏବଂ ଏହା ଦୁଇଟି ବିଭାଗରେ ବିଭକ୍ତ । ବିଭାଗ - ୧ଟି ୫୦ ମାର୍କ ବିଶିଷ୍ଟ ଏବଂ ସେଥିରେ ଥିବା ପ୍ରଶ୍ନଗୁଡିକର ଉତ୍ତର ପ୍ରତ୍ୟେକ ପାଖାପାଖି ୨୫୦ ଶବ୍ଦ ମଧ୍ୟରେ ଲେଖିବାକୁ ହେବ । ପ୍ରଶ୍ନଗୁଡିକର ଉତ୍ତର ନିଜ ଭାଷାରେ ଲେଖିବା ଜରୁରୀ । ବିଭାଗ - ୨ର ପୂର୍ଣ୍ଣସଂଖ୍ୟା ୫୦ ଏବଂ ଏଥିରେ ଥିବା ପ୍ରଶ୍ନଗୁଡିକର ଏକାଧିକ ସମ୍ଭାବ୍ୟ ଉତ୍ତର ଦିଆଯାଇଛି ।

ପ୍ରଶ୍ନପତ୍ରଟିର ଉତ୍ତର ଲେଖିବା ପୂର୍ବରୁ ଓ.ଏସ୍.ଏସ୍. - ୧୦୧ର ପାଠ୍ୟପୁସ୍ତିକାଟିକୁ ଭଲଭାବେ ଅଧ୍ୟୟନ କରିନିଅନ୍ତୁ ।

ଦାଖଲ କରିବାର ସମୟ ସୂଚୀ

ଉତ୍ତର ଦିଆଯାଇଥିବା ଆସାଇନ୍‌ମେଂଟଗୁଡିକୁ ନିମ୍ନଲିଖିତ ସାରଣୀ ମଧ୍ୟରେ ସୂଚିତ ହୋଇଥିବା ସମୟ ସୀମା ଏବଂ ବ୍ୟକ୍ତିଙ୍କଠାରେ ଦାଖଲ କରିବାକୁ ପଡିବ ।

| ନାମଲେଖା ଶିକ୍ଷାବର୍ଷ | ଦାଖଲର ଶେଷ ତାରିଖ | କେଉଁଠିକୁ ପଠାଇବେ |
|---|---|---|
| ଜାନୁଆରୀ ୨୦୧୮ ଶିକ୍ଷାବର୍ଷ ପାଇଁ ନାମ ଲେଖିଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ | ୩୧ ମାର୍ଚ୍ଚ ୨୦୧୮ | ଆପଣଙ୍କୁ ଅଧ୍ୟୟନ କେନ୍ଦ୍ରର ସଂଯୋଜକଙ୍କ ପାଖକୁ (ଅନ୍ୟ କାହାରି ପାଖକୁ ଏହା ପଠାଇବା ଅନୁଚିତ) |
| ଜୁଲାଇ ୨୦୧୮ ଶିକ୍ଷାବର୍ଷ ପାଇଁ ନାମ ଲେଖିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ | ୩୦ ସେପ୍ଟେମ୍ବର ୨୦୧୮ | |

# ଟ୍ୟୁଟର ମାର୍କଡ଼ ଆସାଇନ୍‌ମେ (OSS-101)

Course Code: OSS -101
Assignment Code: OSS-101/TMA/2017-18
ପୂର୍ଣ୍ଣ ସଂଖ୍ୟା : ୫୦

## ବିଭାଗ-୧

**ସମସ୍ତ ପ୍ରଶ୍ନର ଉତର ୨୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ୧୦ ଅଟେ ।**

୧. ଆଂଚଳିକତାବାଦ କ'ଣ ? ଭାରତରେ ଆଂଚଳିକତାବାଦ ସୃଷ୍ଟି ନିମନ୍ତେ ପ୍ରମୁଖ ଅର୍ଥନୈତିକ କାରଣଗୁଡ଼ିକର ତାଲିକା ପ୍ରଦାନ କରନ୍ତୁ ।

୨. 'ମୌଳିକ ଅଧିକାର' ସମ୍ପର୍କୀୟ ଧାରଣା ସ୍ପଷ୍ଟ କରନ୍ତୁ । ଭାରତୀୟ ସମ୍ବିଧାନରେ ପ୍ରଦତ ଛଅଗୋଟି ମୌଳିକ ଅଧିକାର ବିଷୟରେ ଉଲ୍ଲେଖ କରନ୍ତୁ ।

୩. ସମାଜରେ ଅବହେଳିତ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ନାଗରିକ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରନ୍ତୁ ।

୪. ସାମାଜିକ ବାସ୍ତବତାର ନିରପେକ୍ଷ ବ୍ୟାଖ୍ୟା ସମ୍ଭବକି ? ଆଲୋଚନା କରନ୍ତୁ ।

୫. ଉଦ୍ୟୋଗୀକରଣ ପ୍ରକ୍ରିୟାର ସାମାଜିକ ପ୍ରତିଫଳନ ସମ୍ବନ୍ଧରେ ସ୍ପଷ୍ଟିକରଣ ପ୍ରଦାନ କରନ୍ତୁ ।

## ବିଭାଗ-୨

ପୂର୍ଣ୍ଣ ସଂଖ୍ୟା : ୫୦

ଟିପ୍ପଣୀ

(କ) ଏହି ବିଭାଗରେ ୨୫ଟି ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ମାର୍କ । ପ୍ରତ୍ୟେକ ପ୍ରଶ୍ନ ବାଧ୍ୟତାମୂଳକ ।

(ଖ) ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତର ରହିଛି । ସେଥିମଧ୍ୟରୁ କେବଳ ଗୋଟିଏ ଉତର ଠିକ୍ । ସଠିକ୍ ଉତରକୁ ଚୟନ କରନ୍ତୁ ।

୧. ସାମାନ ପ୍ରକାର ସଂସ୍କୃତି, ଭାଷା, ଧର୍ମ, ଐତିହ୍ୟ ଇତ୍ୟାଦି ଆଧାରରେ ସଂଗଠିତ୍ ଗୋଷ୍ଠୀଗତ ପ୍ରକ୍ରିୟାକୁ ...................... କୁହାଯାଏ ।

(କ) ସଂଜାତି(Ethnic)ନୃଜାତୀୟ ଗୋଷ୍ଠୀର ଆଧିପତ୍ୟ (ଖ) ଜାତି
(ଗ) ଶ୍ରେଣୀ (ଘ) ସାମାଜିକ ସଚଳତା

୨. ..................... 'ସଂସ୍କୃତିର ଦାରିଦ୍ର୍ୟତା' (Culture of poverty)ର ଧାରଣା ପ୍ରଦାନ କରିଥିଲେ ।

(କ) ରବର୍ଟ ରେଡ଼ଫିଲଡ଼ (ଖ) ଓସକାର ଲୁଇସ୍
(ଗ) ବୋରିସ୍ ୟେଲସିନ୍ (ଘ) ବିଲ୍ କ୍ଲିଂଟନ

୩. ମୋଟାମୋଟି ବାର୍ଷିକ ଜନ୍ମହାର ଗଣନା କଲାବେଳେ ନିର୍ଦ୍ଦିଷ୍ଟ ବର୍ଷର ଜନସଂଖ୍ୟା ............. ଅନୁପାତରେ ଜନ୍ମିତ ଶିଶୁଙ୍କ ସଂଖ୍ୟା ବିଚାରକୁ ନିଆଯାଇଥାଏ ?

(କ) ୧୦୦ ଜଣଙ୍କ ମଧ୍ୟରେ (ଖ) ୧୦୦୦୦ ଜଣଙ୍କ ମଧ୍ୟରେ
(ଗ) ୧୦୦୦ ଜଣଙ୍କ ମଧ୍ୟରେ (ଘ) ୫୦୦ ଜଣଙ୍କ ମଧ୍ୟରେ

୪. ଜାତି ଏକ ....................... ଅଟେ ।

(କ) ଲିଙ୍ଗଭିତିକ ବର୍ଗ ବା ଶ୍ରେଣୀ (ଖ) ବର୍ଣ୍ଣଭିତିକ ବର୍ଗ ବା ଶ୍ରେଣୀ
(ଗ) ପ୍ରଶାସନଭିତିକ ବର୍ଗ ବା ଶ୍ରେଣୀ (ଘ) ବୃତିଭିତିକ ବର୍ଗ ବା ଶ୍ରେଣୀ

୫. ଭାରତର ସମ୍ବିଧାନର କେଉଁଧାରା ମାଧ୍ୟମରେ ଅସ୍ପୃଶ୍ୟତାକୁ ନିବାରଣ ବା ନିଷେଧ କରାଯାଇଅଛି ।

(କ) ଧାରା ୧୭ (ଖ) ଧାରା ୧୬
(ଗ) ଧାରା ୧୫ (ଘ) ଧାରା ୧୪

୬. ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କ୍ଷମତା ................କୁ ପ୍ରଦାନ କରାଯାଇଛି ।

(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ (ଘ) ଗୃହମନ୍ତ୍ରୀ

୭. କେଉଁବର୍ଷ ବ୍ରିଟିସ୍ ଇଷ୍ଟଇଣ୍ଡିଆ କମ୍ପାନୀର ସୈନ୍ୟବାହିନୀରେ ନିଯୁକ୍ତ ଭାରତୀୟ ସିପାହୀମାନେ ବିଦ୍ରୋହ ଆରମ୍ଭ କରିଥିଲେ ।

(କ) ୧୯୫୪ (ଖ) ୧୯୫୫
(ଗ) ୧୯୫୬ (ଘ) ୧୮୫୭

୮. ନିମ୍ନୋକ୍ତ ଅଧିକାର ମଧ୍ୟରୁ କେଉଁ ଗୋଟିକ ଭାରତୀୟ ନାଗରିକମାନଙ୍କର ମୌଳିକ ଅଧିକାର ?

(କ) ଶୋଷଣ ବକରିବାର ଅଧିକାର (ଖ) ଅସମାନତାର ଅଧିକାର
(ଗ) ଧର୍ମଗତ ସ୍ୱାଧୀନତା ଅଧିକାର (ଘ) ବିଭେଦମୂଳକ ଅଧିକାର

୯. ବଂଶାନୁକ୍ରମିକ କ୍ଷତ୍ରିୟ ଶାସନର ସଂଯୋଗ ଯୋଗୁଁ ............... ଗୁଡ଼ିକ ଗଠିତ ହୋଇଥିଲା ।
(କ) ରାଜ୍ୟ ସଂଘ (ଖ) ଲୋକ ସଂଘ
(ଗ) ଗଣ ସଭା (ଘ) ଗଣ ସଂଘ

୧୦. ଜାତୀୟ ଆନ୍ଦୋଳନକୁ ଦମନ କରିବାପାଇଁ ବ୍ରିଟିଶ ସରକାରଙ୍କର କେଉଁ ଆଇନ/ଆକ୍ଟ ବଳରେ ଯେକୌଣସି ବ୍ୟକ୍ତିଙ୍କୁ ବିନା ବିଚାରରେ ଅଟକ ରଖାଯାଇପାରୁଥିଲା ।
(କ) ରାଓଲାଟ ଆକ୍ଟ (ଖ) ଖିଲାଫତ୍ ଆକ୍ଟ
(ଗ) ଖଦି ଆକ୍ଟ (ଘ) ସ୍ୱରାଜ ଆକ୍ଟ

୧୧. ପ୍ରାଥମିକ କ୍ଷେତ୍ରରେ (Primary Sector) ଯେଉଁସବୁ କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ ସେଗୁଡ଼ିକ ............. ?
(କ) ଭୂସମ୍ପତି କିମ୍ବା ପଶୁକୈନ୍ଦ୍ରୀକ (ଖ) ପ୍ରଯୁକ୍ତିବିଦ୍ୟା କୈନ୍ଦ୍ରୀକ
(ଗ) ଯୋଗାଯୋଗ କୈନ୍ଦ୍ରୀକ (ଘ) ଶିଳ୍ପ କୈନ୍ଦ୍ରୀକ

୧୨. ସଂଜ୍ଞା ଅନୁସାରରେ ଶ୍ରମଶକ୍ତି .................. ମାନଙ୍କୁ ନେଇ ଗଠିତ ।
(କ) ଉଭୟ ନୁଯୁକ୍ତିପ୍ରାପ୍ତ ଓ ବେକାର ବ୍ୟକ୍ତି (ଖ) କେବଳ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି
(ଗ) କେବଳ ବେକାର/ବୃତିହୀନ ବ୍ୟକ୍ତି (ଘ) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ ।

୧୩. ଦେଶର କେତେକ ରାଜ୍ୟ/ଅଂଚଳରେ ଅନ୍ୟ କେତେକ ବିକଶିତ ରାଜ୍ୟ/ଅଂଚଳ ତୁଳନାରେ ପ୍ରଗତି ହୋଇନଥାଏ, ଏଭଳି ସ୍ଥିତିକୁ ............ କୁହାଯାଏ ।
(କ) ଆଂଚଳିକ ସନ୍ତୁଳନ (ଖ) ଆଂଚଳିକ ଅସନ୍ତୁଳନ
(ଗ) ଆଂଚଳିକତାବାଦ (ଘ) ବିଭେଦୀକର (Differentiation)

୧୪. ଜଣେ ବ୍ୟକ୍ତିଙ୍କର ଆୟର ସ୍ତର ଯାହା କେବଳ ତାଙ୍କର ଖାଦ୍ୟ ପ୍ରାପ୍ତିର ଆବଶ୍ୟକତା ମେଂଟାଇଥାଏ । ତାହାକୁ ................. କୁହାଯାଏ ?
(କ) ସ୍ୱଚ୍ଛଳ ସୀମାରେଖା (ଖ) ଏକୀଭୂତ ସୀମାରେଖା
(ଗ) ଦାରିଦ୍ର୍ୟ ସୀମାରେଖା (ଘ) ଖାଦ୍ୟ ସୀମାରଖା

୧୫. ଭାରତ ସରକାରଙ୍କର ଅର୍ଥନୈତିକ ଉଦାରୀକରଣ ନୀତିଯୋଗୁଁ ............ କ୍ଷେତ୍ରରୁ ବହୁ କଟକଣା ଉଠାଇ ଦିଆଗଲା ।

(କ) ଶିଳ୍ପ ଓ ବୈଦେଶିକ ବାଣିଜ୍ୟ (ଖ) ଉଦ୍ୟାନ କୃଷି
(ଗ) ଚିତ୍ତ ବିନୋଦନ (ଘ) ଦେଶାନ୍ତର ଗମନ

୧୬. ନିମ୍ନୋକ୍ତ କେଉଁ କାରଣ ପାଇଁ ମୃତ୍ତିକା ଅବକ୍ଷୟ ଘଟିଥାଏ ?
(କ) ସୌରଶକ୍ତି (ଖ)ଜଙ୍ଗଲ ନାଶ
(ଗ) ଘଂଚ ଜଙ୍ଗଲ (ଘ) ଭୂପୃଷ୍ଠସ୍ଥ ସ୍ୱଳ୍ପ ତୀବ୍ରତାଯୁକ୍ତ ବାୟୁ ପ୍ରବାହ

୧୭. କେଉଁ ଜୈବିକ ବ୍ୟବସ୍ଥାରେ ଉପଲବ୍ଧ ସଂପଦ ଜନସମୂହଙ୍କର ଆବଶ୍ୟକତା ପୂରଣ କରିବାର ସକ୍ଷମ ତାହା .................... ।
(କ) ସବୁଜଗୃହ ପ୍ରଭାବ(Green-House Effect)(ଖ) ଭାରବହନ ଦକ୍ଷତା
(ଗ) ଜୀବନ ପ୍ରତ୍ୟାଶା (ଘ) ପରିବେଶ ବିଜ୍ଞାନ

୧୮. ଭାରତର କେଉଁ ଦୁଇ ପ୍ରମୁଖ ଜାତୀୟସ୍ତର ନେତାଙ୍କ ଦ୍ୱାରା ସ୍ୱରାଜ ଦଳ ଗଠିତ ହୋଇଥିଲା ?
(କ) ସି.ଆର.ଦାସ ଏବଂ ମୋତିଲାଲ୍ ନେହେରୁ
(ଖ) ଜବାହାଲାଲ୍ ନେହେରୁ ଏବଂ ମୋତିଲାଲ୍ ନେହେରୁ
(ଗ) ସି.ଆର.ଦାସ ଏବଂ ଚନ୍ଦ୍ରଶେଖର ଆଜାଦ୍
(ଘ) ଲାଲା ଲାଜପତରାଏ ଏବଂ ଚନ୍ଦ୍ରଶେଖର ଆଜାଦ୍

୧୯. ଯେତେବେଳେ କୌଣସି ରାଜ୍ୟର ମନ୍ତ୍ରୀପରିଷଦ ବରଖାସ୍ତ କରାଯାଏ, ସେହି ରାଜ୍ୟର ଶାସନ ............... ଙ୍କ ନେତୃତ୍ୱରେ ପରିଚାଳିତ ହୁଏ ?
(କ) ମୁଖ୍ୟମନ୍ତ୍ରୀ (ଖ) ପ୍ରଧାନମନ୍ତ୍ରୀ (ଗ) ରାଜ୍ୟପାଳ (ଘ) ରାଷ୍ଟ୍ରପତି

୨୦. ବହୁପତି ବିବାହ ପ୍ରଥା କହିଲେ ............... ବୁଝାଏ ?
(କ) ଜଣେ ମହିଳାଙ୍କ ଏକାଧିକ ପୁରୁଷଙ୍କ ସହ
(ଖ) ଜଣେ ମହିଳାଙ୍କ ସହ ଜଣେ ପୁରୁଷଙ୍କ ବିବାହ
(ଗ) ଜଣେ ପୁରୁଷଙ୍କ ସହ ଏକାଧିକ ମହିଳାଙ୍କ ବିବାହ
(ଘ) ଜଣେ ପୁରୁଷଙ୍କର ନିଜ ପିତା-ମାତାଙ୍କ ନିକଟରେ ସହାବସ୍ଥାନ

୨୧. ସରକାର କିମ୍ବା ସାଧାରଣ କ୍ଷେତ୍ରରେ କାର୍ଯ୍ୟରତ ଅନୁଷ୍ଠାନଗୁଡ଼ିକଦ୍ୱାରା ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ସେବା ସଂପର୍କୀୟ ସୂଚନାଗୁଡ଼ିକୁ ........ କହିନ୍ତି ?
(କ) ନାଗରିକ ସନ୍ଦ (Citizen Charter) (ଖ) ସୂଚନାପ୍ରାପ୍ତି ଅଧିକାର
(ଗ) ସର୍ବସାଧାରଣଙ୍କ ପାଇଁ ଘୋଷଣାନାମା (ଘ) ସର୍ବସାଧାରଣଙ୍କ ପାଇଁ ସନନ୍ଦ

୨୨.ଗ୍ରାମସଭା ସମସ୍ତ ପ୍ରାପ୍ତବୟସ୍କ ପଂଜିକୃତ ----------ମାନଙ୍କୁ ନେଇ ଗଠିତ

(କ) ଗ୍ରାମର ଭୋଟର ତାଲିକାରେ ସ୍ଥାନ ପାଇଥିବା ବ୍ୟକ୍ତି

(ଖ) ଗ୍ରାମ ବିଦ୍ୟାଳୟମାନଙ୍କର ଶିକ୍ଷକ

(ଗ) କର୍ମନିଯୋଜନ କେନ୍ଦ୍ରରେ ନାମ ଦରଜ କରିଥିବା ବ୍ୟକ୍ତି

(ଘ) ଦେଶର ଜନଗଣନା ତାଲିକାରେ ଅନ୍ତର୍ଭୁକ୍ତ ବ୍ୟକ୍ତି

୨୩.ଏନ୍.ଆର୍.ଏ.ଜି.ଏ (NREGA) କାର୍ଯ୍ୟକ୍ରମ ବାର୍ଷିକ ----------- ଦିନ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିଥାଏ ।

(କ) ୧୨୦ ଦିନ (ଖ) ୧୦୦ ଦିନ

(ଗ) ୩୬୫ ଦିନ (ଘ) ୨୦୦ ଦିନ

୨୪.ପୁଂଜିବାଦୀ ସମାଜରେ ପୁଂଜିପତି(Bourgeoisie) ଏବଂ ଶ୍ରମିକ (Proletariat) ଶ୍ରେଣୀ ଦ୍ୱୟଙ୍କ ------------ ଚିହ୍ନଟ କରିଥିଲେ ।

(କ) ମାର୍କସ ୱେବର (ଖ) ଅମର୍ତ୍ତ୍ୟସେନ୍

(ଗ) କାର୍ଲମାର୍କସ (ଘ) ଏମାଇଲ୍ ଡୁରଖାଇମ୍

୨୫.ଭାରତର ଅର୍ଥନୈତିକ ବ୍ୟବସ୍ଥାରେ କେଉଁ ବର୍ଷ ପଂଚବାର୍ଷିକ ଯୋଜନା ଆରମ୍ଭ କରାଯାଇଥିଲା ?

(କ) ୧୯୫୦ (ଖ) ୧୯୫୧

(ଗ) ୧୯୬୦ (ଘ) ୧୯୬୧